# Akashvani, Sambalpur

## SAMBALPURI NEWS EVENING BULLETIN

## 3 May 2026-7.02- 7.12 pm.

---

୧- ବାଦ୍ ପଡ଼ିଥିବା ସୁଭଦ୍ରା ହିତାଧିକାରୀମାନ୍‌କୁ ଆଏବାକାଏଲ୍ ଦିଆଯିବା ସାହାଜ୍ ଟଙ୍କା ।

୨- ସୁଜଳ ଯୋଜ୍‌ନା ଅଧୀନ୍‌ଥି ଚଲ୍‌ତି ଆର୍ଥିକ୍ ବଛ୍‌ରେ ଖର୍ଚ୍ଚା ହେବା ୧୫ ଶହ କୋଟି ଟଙ୍କା ।

- ରାଜ୍ୟର୍ ସହରାଂଚଲ୍ ନ ୨୪ ଘଂଟିଆ ପିଇବାର୍ ପାଏନ୍ ଯୁଗାବାର୍‌କେ ଚେରେଷ୍ଟା ଜାରି ରଖିଛନ୍ ସର୍‌କାର୍ ।

୩- ଓମ୍‌ଫେଡ୍ ଗୁରସ୍‌ର ଦାମ୍ ଲିଟର୍ ପିଛା ବଢ଼୍‌ଲା ୪ ଟଙ୍କା ।

ଆଉର୍

୪- ଇ ହପ୍ତା ଶେଷ୍‌ତକ୍ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଏଜେ କମ୍‌ବା ତାପମାତ୍ରା- ପାଣିପାଗ ବିଭାଗ୍‌ର ସୂଚ୍‌ନା ।

ସୁଭଦ୍ରା          ଆଇ.ଆଣ୍ଡ୍.ପି.ଆର୍

ସୁଭଦ୍ରା ଯୋଜ୍ନା ଅଧୀନ୍ଥି ପହେଲା, ୨ ନମ୍ବର୍ ଆଉ ୩ ନମ୍ବର୍ କିସ୍ତି ନାଇଁ ପାଇଥିବା ହିତାଧିକାରୀମାନେ ଆଏବା କାଏଲ୍ ସାହାଜ୍ ଟଙ୍କା ପାଏବେ । ଇଥିର୍ଲାଗି ମହିଲା ଆଉ ଶିଶୁବିକାଶ୍ ବିଭାଗ୍ ତର୍ଫୁ ବିଭାଗ୍ର ସମ୍ମିଳନୀ କକ୍ଷ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ହିତାଧିକାରୀମାନ୍କୁ ସାହାଜ୍ ଟଙ୍କା ବାଂଟ୍ବେ ।

ସୁଜଳ ଯୋଜ୍ନା          ଆଇ.ଆଣ୍ଡ୍.ପି.ଆର୍

ସ୍ୱହଉସ୍ୱଳହଉ ଓଡ଼ିଶାର୍ ସହରାଂଚଲ୍ ନ ୨୪ ଘଂଟିଆ ପିଇବାର୍ ପାଏନ୍ ଯୁଗାବାର୍କେ ସୁନିଶ୍ଚିତ୍ କର୍ବାର୍ ଲାଗି ଜୋର୍ଦାର୍ ଚେରେଷ୍ଟା କରିଛନ୍ । ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷାପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଖାରବେଳ ଭବନ୍ ନ ହେଇଥିବା

ଗୁଟେ ସମୀକ୍ଷା ବୈଠକ୍‌ଥି ଜନସ୍ୱାସ୍ଥ୍ୟ ବୈଷୟିକ୍ ସଂଗଠନ୍‌ର ୨୦୨୬-୨୭, ୨୦୨୭-୨୮ ଆଉ ୨୦୨୮-୨୯ ବଛର୍ ଲାଗି ବାର୍ଷିକ୍ କାର୍ଯ୍ୟଖସଡ଼ାକେ ଅନୁମୋଦନ୍ କରାଯାଇଛେ । ସୁଜଳ ଯୋଜ୍‌ନା ଅଧୀନ୍‌ଥି ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ପାଖାପାଖି ୧୫ ଶହ କୋଟି ଟଙ୍କା ଖର୍ଚ୍ଚା କରାଯିବା । ଇ ଯୋଜ୍‌ନା ଅଧୀନ୍‌ଥି ମୋଟ୍ ୫ ଶହ ୪୪ ଟା ପ୍ରକଳ୍ପକେ ଅନୁମୋଦନ୍ ମିଲିଛେ । ଯେନ୍‌ଥିରୁ ୨ ଶହ ୮୯ ଟା ପ୍ରକଳ୍ପ କାମ୍ ଶେଷ୍ ହେଇଛେ । ରାଜ୍ୟର୍ ୮୬ ଟା ପୌରାଂଚଲ୍ ନ ଇହାଦେ ଦିନ୍‌କ ୪ ଶହ ୫୨ ନିୟୁତ ଲିଟର୍ ପିଇବାର୍ ପାଏନ୍ ଯୁଗାଯାଉଥିବାର୍ ବେଲେ ଖେପ୍ ଖେପ୍ କରି ସବୁ ସହର୍‌କେ ୨୪ ଘଂଟିଆ ସେବାଥି ସାମିଲ୍ କରାଯିବା । ଇତାର୍‌ସହେତେ ପ୍ରକଳ୍ପ ମାନ୍‌କର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିକରି ଶ୍ରୀମତୀ ପାଢ଼ୀ ଧାରିଜ୍ ସମିଆ ଭିତ୍‌ରେ ପ୍ରକଳ୍ପ କାମ୍ ଶେଷ୍ କର୍‌ବାର୍ ଆଉ ପାଣ୍ଠିର୍ ସଠିକ୍ ବେଭାର୍ ଉପ୍‌ରେ ଜୋର୍ ଦେଇଛନ୍ । ପିଇବାର୍ ପାନିର୍ ଅପବ୍ୟବହାର୍‌କେ ରୁକ୍‌ବାର୍ ଲାଗି ସଚେତନତା ବଢ଼ାବାର୍ ଲାଗି ଭିଲ୍ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍

ଓମ୍‌ଫେଡ୍‌ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏଜ୍‌ଠାନୁ ଓମ୍‌ଫେଡ୍‌ ଗୁରସ୍ ଦାମ୍ ବଢ଼ିଛେ । ଧାରିଜ୍ ମୂଲ୍ୟନୁ ଲିଟର୍ ପିଛା ଗୁରସ୍‌ର ଦାମ୍ ୪ ଟଙ୍କା ବଢ଼ିଛେ । ଓମ୍‌ଫେଡ୍‌ ତର୍‌ଫୁ ଜାରି ହେଇଥିବା ଇ ବଢ଼ିଥିବା ଦାମ୍ ତାଲିକା ଅନ୍‌ସାରେ ଟୋନ୍‌ଡ୍‌ ଗୁରସ୍ ଲିଟର୍ ପିଛା ୫୦ ନୁ ୫୪ ଟଙ୍କାକେ ବଢ଼ିଥିବାର୍ ବେଲେ ପ୍ରିମିୟମ୍ ଗୁରସ୍ ୫୪ ନୁ ୫୮ ଟଙ୍କାକେ ବଢ଼ିଛେ । ସେନ୍ତା ଗୋଲ୍ଡ ପ୍ରିମିୟମ୍ ଗୁରସ୍ ୫୬ ନୁ ୬୦ ଟଙ୍କା ଆଉ ପ୍ରିମିୟମ୍ ପ୍ଲସ୍ ଗୁରସ୍ ୬୦ ନୁ ୬୪ ଟଙ୍କାକେ ବଢ଼ିଛେ । ଆଘୋନୁ ଇ ବାବ୍‌ଦେ ଓମ୍‌ଫେଡ୍‌ ତର୍‌ଫୁ ବିଜ୍ଞପ୍ତି ବାହାରିଥିଲା । ଗୁରସ୍‌ର ଦାମ୍ ବଢ଼୍‌ବାର୍‌ନୁ ଗୁରସ୍ ଚାଷୀମାନେ ଲାଭ୍ ପାଏବେ ବଲି ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ କହିଛନ୍ । ସେ କହିଛନ୍, ବହୁତ୍ ଦିନ୍ ହେବା ଓମ୍‌ଫେଡ୍‌ ଗୁରସ୍ ଦାମ୍ ନାଇଁ ବଢ଼ିଥାଇ । ଚାଷୀମାନ୍‌କର୍ କଲ୍ୟାଣ୍ ଲାଗି ଅଏତ୍‌କା ଦାମ୍‌ଥି ସର୍‌କାର୍ ଗୁରସ୍ ଘିନ୍‌ବେ । ପ୍ରକ୍ରିୟାକରଣ୍ ଆଉ ପରିବହନ୍ ଖର୍ଚ୍ଚା ବଢୁଥିବାର୍‌ନୁ ଗୁରସ୍‌ର ଦାମ୍ ବଢ଼ାବାର୍ ଆବଶ୍ୟକ୍ ଥିଲା ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।
(ଭଏସ୍ ଓଭର- ଗୋକୁଲାନନ୍ଦ ମନ୍ତ୍ରୀ)

ଆଧାର୍‌କାର୍ଡ଼         ଏନ୍‌ଏସ୍‌ଡି

ଆଧାର୍‌କାର୍ଡ଼ର ଆକୃତି ପରିବର୍ତନ୍ ବାବଦ୍ ପ୍ରସାରିତ୍ ହେଉଥିବା ଖବର୍‌କେ ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଲୟ ଖଣ୍ଡନ୍ କରିଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ, କେତେଟା ଗଣମାଧ୍ୟମ୍‌ଥି ଇ ବଛର୍ ଶେଷ୍‌ତକ୍ ଆଧାର୍‌କାର୍ଡ଼ ଖାଲି ଫଟୋ ଆଉ କ୍ୟୁଆର୍ କୋଡ଼୍‌ଥି ସିମିତ୍ ରହେବା ବଲି ଖବର୍ ପ୍ରସାରିତ୍ ହେଇଥିଲା । ସେଟାକେ ମନ୍ତ୍ରଣାଲୟ ଅସ୍ୱିକାର୍ କରି କରି ଇ ବାବ୍‌ଦେ ସ୍ୱଷ୍ଟିକରଣ୍ ଜାରି କରିଛେ । ମନ୍ତ୍ରଣାଲୟ ତର୍‌ଫୁ ଜାରି ହେଇଥିବା ସ୍ୱଷ୍ଟିକରଣ୍‌ଥି କୁହାଯାଇଛେ ଯେ, ଇହାଦେ କେନ୍‌ସି ପ୍ରକାର୍ ପରିବର୍ତନ୍‌ର ଯୋଜ୍‌ନା ନାଇଁନ ଆଉ ଲୋକ୍‌ମାନ୍‌କୁ ଇ ସବୁ ଖବର୍ ଉପ୍‌ରେ ବିଶ୍ୱାସ୍ ନାଇଁ କର୍‌ବାର୍‌କେ ମନ୍ତ୍ରଣାଲୟ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଆଧାର୍ ବାବଦ୍ ସଠିକ୍ ସୂଚ୍‌ନା ଲାଗି ୟୁ.ଆଇ.ଡି.ଏ.ଆଇ.ର ଅଫିସିଆଲ୍ ସାମାଜିକ୍ ଗଣମାଧ୍ୟମ୍ ପ୍ଲାଟ୍‌ଫର୍ମ ଆଉ ପତ୍ର ସୂଚନା କାର୍ଯ୍ୟାଲୟ-ପି.ଆଇ.ବି. ତର୍‌ଫୁ ଜାରି ହେଇଥିବା ପ୍ରେସ୍ ବିଜ୍ଞପ୍ତିକେ ଅନୁସରଣ୍ କର୍‌ବାର୍ ଲାଗି କୁହାଯାଇଛେ ।

ପ୍ରଜ୍ଞା ପ୍ରେରଣା କର୍ମଶାଳା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଜାତୀୟ ଶିକ୍ଷାନୀତି ୨୦୨୦ ର କାର୍ଯ୍ୟକାରିତାକେ ନେଇକରି ଚାଲିଥିବା ପ୍ରଜ୍ଞା ପ୍ରେରଣା କର୍ମଶାଳାର୍ ଉଦ୍ଯାପନୀ ସମାରୋହଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଯୋଗ୍ ଦେଇଛନ୍ । ଗଲାକାଏଲ୍ଠାନୁ ମୁଲ୍ ହେଇଥିବା ଜାତୀୟ ଶିକ୍ଷାନୀତି କର୍ମଶାଳାଥି ଉଦ୍ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଓଡ଼ିଶା ଶିକ୍ଷା କ୍ଷେତ୍ରଥି ଗୁଟେ ଆଗ୍ଧାଡ଼ିର୍ ରାଜ୍ୟ ହେଇକରି ବୈପ୍ଳବିକ୍ ପରିବର୍ତ୍ତନ୍ ଆନିଛେ । ଇ କର୍ମଶାଳା ହେଉଛେ ଗୁଟେ ମୌଳିକ୍ ପ୍ଲାଟ୍ଫର୍ମ, ଯେନ୍ଥି ଦେଶର୍ ଶ୍ରେଷ୍ଠ ଶିକ୍ଷାବିତ୍ ଆଉ ନୀତି ନିର୍ଦ୍ଧାରକ୍ ମାନେ ଏକ୍ଠାନିଆ ହେଇକରି ଛାତ୍ରଛାତ୍ରୀ ମାନ୍କର୍ ସୁରକ୍ଷିତ ଭବିଷ୍ୟତ୍ ନିର୍ଦ୍ଧାରଣ୍ କର୍ବାର୍ ଦିଗେ ଚେରେଷ୍ଟା କରୁଛନ୍ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ୨ ନମ୍ବର୍ ୟୁନିଟ୍ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ଆଏବା କାଏଲ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍          ଆର୍‌ଏନ୍‌ୟୁ/ କଟକ୍

ଗଣତାନ୍ତ୍ରିକ୍ ମୂଲ୍ୟବୋଧ୍‌ର ରକ୍ଷା ଦିଗେ ଗଣମାଧ୍ୟମ୍‌ର ଭୂମିକା ବହୁତ୍ ଜରୁରୀ ଆଏ । ଇତାକେ ନଜର୍‌ଥି ରଖିକରି ଆଏଜ୍ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ଶାନ୍ତିଥି ଭବିଷ୍ୟତ୍ ଗଠନ୍: ମାନବାଧିକାର୍ ବିକାଶ୍ ଆଉ ସୁରକ୍ଷା ଲାଗି ପ୍ରେସ୍ ସ୍ୱାଧୀନତାକେ ତହଁକାବାର୍' । ଜାତିସଂଘର ସାଧାରଣ୍ ପରିଷଦ୍ ୧୯୯୩ ମସିହାଥି ଆଝିର୍ ଦିନ୍‌କେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ଭାବେ ପାଲନ୍ କର୍‌ବାର୍ ଲାଗି ଘୋଷ୍‌ନା କରିଥିଲା । ପୁର୍‌ଥି ନ ଶାନ୍ତି ଆଉ ପ୍ରଗତି

ଲାଗି ସ୍ୱାଧୀନ୍, ସଶକ୍ତ ଆଉ ଉତର୍‌ଦାୟୀ ଗଣତନ୍ତ୍ର ବହୁତ୍ ଜରୁରୀ ଆଏ । ଇହାଦେର୍ ଥିତିଥି ସାମାଜିକ୍ ଗଣମାଧ୍ୟମ୍ ସୂଚନା, ପ୍ରସାରଣ୍ କ୍ଷେତ୍ରଥି ସାରା ପୁର୍‌ଥି ନ ବଡ଼ ଭୂମିକା ନିଭଉଛେ । ଗଣମାଧ୍ୟମ୍‌ର ସ୍ୱାଧୀନତା ଲାଗି ସାମୂହିକ୍ ଚେରେଷ୍ଟା ଜରୁରୀ ଆଏ । ଇଥିର୍‌ଲାଗି ଆଏଜ୍ ଭିନ୍ ଭିନ୍ ଅନୁଷ୍ଠାନ୍ ଆଉ ସଂଗଠନ୍ ତର୍‌ଫୁ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଣମାଧ୍ୟମ୍‌କେ ଶୁଭେଚ୍ଛା ଜନାବାର୍ ସହେତେ ତାଙ୍କର୍ ବାର୍ତାଥି କହିଛନ୍, ଗୁଟେ ମୁକ୍ତ ଆଉ ଦାୟିତ୍ୱପୂର୍ଣ୍ଣ, ପ୍ରେସ୍, ଗଣତନ୍ତ୍ର ଲାଗି ଜରୁରୀ ଆଏ । ପ୍ରେସ୍ ସ୍ୱାଧୀନତାକେ ବଜାୟ ରଖ୍‌ବାର୍ ଆଉ ସତ୍ୟପୂର୍ଣ୍ଣ, ନିର୍ଭୀକ୍ ସାମ୍ବାଦିକତାକେ ସମର୍ଥନ୍ କର୍‌ବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ଅବ୍‌ସରେ ଢେଙ୍କାନାଲ୍ ଭାରତୀୟ ଜନସଂଚାର୍ ସଂସ୍ଥାନ୍‌ର ଆଂଚଲିକ୍ ନିର୍ଦ୍ଦେଶକ୍ ପ୍ରଫେସର୍ ଆନନ୍ଦ ପ୍ରଧାନ୍ ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭର୍- ଆନନ୍ଦ ପ୍ରଧାନ୍)

ନିଟ୍ ୟୁଜି      ଆର୍ଏନ୍ୟୁ/ ସମ୍ବଲପୁର

ମେଡ଼ିକାଲ୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଆଏଜ୍ ନିଟ୍ ୟୁଜି ପ୍ରବେଶିକା ପରୀକ୍ଷା ହେଇଛେ । ଦେଶ୍ ଆଉ ଦେଶ୍ ବାହାରେ ୫ ହଜାର୍‌ନୁ ଅଏତ୍‌କା ପରୀକ୍ଷା କେନ୍ଦ୍ର ନ ୨୨ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ । ଦେଶେ ୨୨ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ୫ ଶହ ୫୬ ଟା ସହର୍ ନ ପରୀକ୍ଷା ଦେଇଛନ୍ । ଓଡ଼ିଆ ସହେତେ ୧୩ ଟା ଭାଷାଥି ଇ ସର୍ବଭାରତୀୟ ପରୀକ୍ଷା କରାଯାଇଛେ । ଜାତୀୟ ପରୀକ୍ଷଣ୍ ସଂସ୍ଥା ଏନ୍‌ଟିଏ ତର୍‌ଫୁ କରାଯାଉଥିବା ଇ ପରୀକ୍ଷା ଦୁଇପହରର୍ ୨ ବଜେନୁ ମୁଲ୍ ହେଇକରି ବେଲ୍‌ବୁଡ଼ର୍ ୫ ବଜେ ଶେଷ୍ ହେଇଛେ ।

ଦେବର୍ଷି ନାରଦ୍ ଜୟନ୍ତୀ      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତର୍‌ଫୁ ଜିଲ୍ଲା ସଂସ୍କୃତି ଭବନ୍ ନ ସୃଷ୍ଟିର୍ ପହେଲା ସାମ୍ବାଦିକ୍ ଦେବର୍ଷି ନାରଦ୍ ଜୟନ୍ତୀ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିଥି ମାନେ ଯୋଗ୍

ଦେଇକରି ମହର୍ଷି ନାରଦ୍ଙ୍କର୍ ଜୀବନ୍ ଚରିତ୍ ଆଲୋଚନା କର୍‌ବାର୍ ସହେତେ ତାଙ୍କର୍ ରାହା ଅନୁସରଣ୍ କରିକରି ମୂଲ୍ୟବୋଧଭିତିକ ସମ୍ବାଦ୍ ପରିବେଷଣ୍ କର୍‌ବାର୍ ବାବ୍‌ଦେ ମତ ଦେଇଥିଲେ ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍-କଲାହାଣ୍ଡି କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପଞ୍ଚାୟତ୍ ସାହୁ ଯୋଗ୍ ଦେଇକରି ପ୍ରେସ୍ ସ୍ୱାଧୀନତା ଦିବସ୍ ବାବ୍‌ଦେ ତଥ୍ୟ ରଖିଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ସବୁ ସାମ୍ବାଦିକ୍ ଆଉ ବୁଦ୍ଧିଜୀବୀମାନେ ଯୋଗ୍ ଦେଇଥିଲେ ।

ବିଶ୍ୱ ଦକ୍ଷତା କେନ୍ଦ୍ର-ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ବିଶ୍ୱ ଦକ୍ଷତା କେନ୍ଦ୍ର ନ ଇ ବଛର୍ ମାର୍ଚ୍ଚ ମାସ୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଅନ୍‌ଲାଇନ୍ ଆବେଦନ୍

ସମିଆକେ ବଢ଼ାଯାଇଛେ । ଇଚ୍ଛୁକ ଛାତ୍ରଛାତ୍ରୀ ଇଥିର୍‌ଲାଗି ଆଏବା ୧୫ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ । ଇ ମାସ ୩୧ ତାରିଖ୍‌ଥି ପାଠ୍ୟକ୍ରମ୍‌ଥି ନାଁ ଲେଖାବାର୍ ଲାଗି ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା ହେବା ବଲି ବିଶ୍ୱ ଦକ୍ଷତା କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ଜିମ୍‌ନାଷ୍ଟିକ୍ ଚାମ୍ପିଅନ୍‌ସିପ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଜିମ୍‌ନାଷ୍ଟିକ୍ ଆସୋସିଏସନ୍ ଆଉ ଓଡ଼ିଶା ସର୍‌କାର୍‌ଙ୍କର୍ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ହେଇଥିବା ଜୁନିଅର୍ ଆଉ ସିନିୟର୍ ଜାତୀୟ ଜିମ୍‌ନାଷ୍ଟିକ୍ ଚାମ୍ପିଅନ୍‌ସିପ୍ ୨୦୨୬-୨୭ ର ଉଦ୍‌ଯାପନୀ ସମାରୋହ ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ହେଇଛେ । ପୁରୀ ଲୋକ୍‌ସଭା ସାଂସଦ୍ ସମ୍ବିତ୍ ପାତ୍ର କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ୍ କରିଛନ୍ ।

ବାତ୍ୟା    ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ଆଉ ତାର୍ ପାଖର୍ ଇଲାକା ନ ଘୂର୍ଣ୍ଣିବଲୟ ହେବାର୍ ସମ୍ଭାବନା ରହିଛେ । ଗୁଟେ ବିଦେଶୀ ପାଣିପାଗ୍ ସଂସ୍ଥାର୍ ଆକଲନ୍ ଅନ୍‌ସାରେ ଘୂର୍ଣ୍ଣିବଲୟ ବାତ୍ୟାର୍ ରୂପ୍ ନେଇପାରେ । ହେଲେ ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଇ ବାବ୍‌ଦେ କେନ୍‌ସି ସ୍ପଷ୍ଟ ସୂଚ୍‌ନା ନାଇଁମିଲି । ଭାରତୀୟ ପାଣିପାଗ୍ ବିଭାଗ୍ ମହାନିର୍ଦ୍ଦେଶକ୍ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍, ଇହାଦେତକ୍ ବାତ୍ୟାର୍ କେନ୍‌ସି ସମ୍ଭାବନା ନାଇଁଥିବାର୍‌ନୁ ରାଜ୍ୟବାସୀ ଡର୍‌ବାର୍ କିଛି କାରଣ୍ ନାଇଁନ ।

ସେଆଡ଼େ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍, ଆଇଏମ୍‌ଡି ତର୍‌ଫୁ ବାତ୍ୟାକେ ନେଇକରି କେନ୍‌ସି ସୂଚ୍‌ନା ଜାରି ନାଇଁ କରାଯାଇ । ହେଲେ ପରିସ୍ଥିତିକେ ନଜର୍‌ଥି ରଖିକରି ସର୍‌କାର୍ ସତର୍କ ଆଉ ସଜାଗ୍ ରହିଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଇ ହପ୍ତାର୍ ଶେଷ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା ଆଉ ଇତାର୍ ବଲେ ରାଏଜେ ତାପମାତ୍ରା କମ୍‌ବା ।